**ପ୍ରଚାର ଡ଼ାଏରୀ**

**ତା.୨୬.୦୪.୨୦୧୪**

**ଅରୁଣ ଜେଟଲୀ**

**ବିରୋଧୀ ଦଳର ନେତା. ରାଜ୍ୟସଭା**

ଗତକାଲି ନରେନ୍ଦ୍ର ମୋଦି ପଞ୍ଜାବରେ ପାଞ୍ଚୋଟି ର୍ୟାଲିରେ ସମ୍ବୋଧନ ଦେଇଥିଲେ । ତାଙ୍କ ସାଥୀରେ ପଞ୍ଜାବର ମୁଖ୍ୟମନ୍ତ୍ରୀ ଶ୍ରୀ ପ୍ରକାଶ ସିଂହ ବାଦଲ ଓ ଭା.ଜ.ପା ର ପଞ୍ଜାବ ରାଜ୍ୟ ସଭାପତି ଶ୍ରୀ କମଲ ଶର୍ମା ମଧ୍ୟ ଉପସ୍ଥିତ ଥିଲେ । ର୍ୟାଲିଟି ଖୁବ ଉତ୍ସାହପୂର୍ଣ୍ଣ ଥିଲା ଓ ସେଠାରେ ହଜାର ହଜାର ସଂଖ୍ୟକ ଜନତା ଉପସ୍ଥିତ ଥିଲେ । ମନେହୁଏ ମୋଦିଙ୍କ ପଞ୍ଜାବ ଆସିବା ବୋଧହୁଏ ସେଠାକାର ରାଜନୀତିରେ ପଛ ପରିବର୍ତ୍ତନ କରିବାରେ ବିଶେଷ ସହାୟକ ହେବ ।

ମୋଦି ମୁଖ୍ୟତଃ ଯୁବ ସମାଜକୁ ହିଁ ସମାଜର ପରିବର୍ତ୍ତନର ମୁଖ୍ୟ ଅଂଶ ବୋଲି ସମ୍ବୋଧନ କରୁଥିଲେ । ଦେଶର ଏଭଳି ଭ୍ରଷ୍ଟାଚାରଯୁକ୍ତ ସରକାର ସମୟରେ ମୋଦିଙ୍କ ଆଗମନ ଜନତାଙ୍କ ମନରେ ଏକ ନୂତନ ଆଶାର ଆଲୋକ ଦେଖାଉଛି କହିଲେ ଅତ୍ୟୁକ୍ତି ହେବନାହିଁ । ଏପରି ଯେଉଁମାନେ ଉକ୍ତ ର୍ୟାଲିରେ ଉପସ୍ଥିତ ନଥିଲେ ସେମାନେ ମଧ୍ୟ ମୋଦିଙ୍କ ଆସିବାରୁ ରାଜନୀତିରେ କଭଳି ପ୍ରଭାବ ପଡୁଛି ତାହା ଆଲୋଚନା କରୁଛନ୍ତି । ଏକପ୍ରକାରରେ କହିବାକୁ ଗଲେ ସମଗ୍ର ଅମୃତସର ଆଜି ମୋଦିଙ୍କ ଆଗମନରେ ଉତ୍ସାହିତ ହୋଇପଡ଼ିଛି । ମୋଦି ମଧ୍ୟ ଜନତାଙ୍କ ମନରେ ଆତ୍ମବିଶ୍ୱାସ ସଂଚାର କରିବା ସହ ସେ ପଦବୀରେ ଆସିଲେ ନିଜ ପ୍ରତିଶ୍ରୁତି ପୂରଣ କରିବାରେ ନିଶ୍ଚିତ ଭାବରେ ସଫଳ ହେବେ ବୋଲି ସେମାନଙ୍କୁ ହୃଦବୋଧ କରାଇଛନ୍ତି ।

**ଅମୃତସରରେ ଜେନେରାଲ ଭି.କେ. ସିଂହ**

ଆଜି ମୋ ପ୍ରଚାର ଲାଗି ବିଭିନ୍ନ ଯୋଜନା କରାଯାଇଥିଲେ ମଧ୍ୟ ସବୁଠାରୁ ମୁଖ୍ୟ ଥିଲା ବହୁ ସଂଖ୍ୟକ ଅବସରପ୍ରାପ୍ତ ସୈନିକଙ୍କୁ ଅବସରପ୍ରାପ୍ତ ସେନାଧକ୍ଷ ଜେନେରାଲ ଭି.ଜେ. ସିଂହଙ୍କ ଦ୍ୱାରା କରାଯାଇଥିବା ସମ୍ବୋଧନ । ସେନାବାହିନୀର ବହୁ ଉଚ୍ଚ ପଦସ୍ଥ କର୍ମଚାରୀମାନେ ମଧ୍ୟ ସେଠାରେ ଉପସ୍ଥିତ ହେବା କଥା  କ୍ଷ୍ୟ କରାଯାଇଥିଲା । ସବୁଠାରୁ ଦୁଃଖର ବିଷୟ ଏହିକି

ଅବସରପ୍ରାପ୍ତ ସୈନିକ ମାନଙ୍କ ପାଇଁ ଯେଉଁ ' ୱାନ ର୍ୟାଙ୍କ ୱାନ ପେନସନ ' ଯୋଜନା ଲାଗୁ କରାଯାଇଛି ତାହାର କାର୍ଯ୍ୟକାରୀତା ନେଇ ଏ ପର୍ଯ୍ୟନ୍ତ ମଧ୍ୟ ଘୋଷଣା କରାଯାଇନାହିଁ । ତାହା ବ୍ୟତୀତ ଯେଉଁମାନେ ଦେଶର ସୁରକ୍ଷାକୁ ମୁଖ୍ୟ ବୋଲି ମନେ କରୁଛନ୍ତି ବର୍ତ୍ତମାନର ସରକାରଙ୍କ ଦ୍ଵରା ଦେଶର ସୁରକ୍ଷା ନେଇ କରାଯାଉଥିବା ଅବହେଳା ସେମାନଙ୍କ ମନରେ ଖୁବ ଆଘାତ ଦେଉଅଛି ଏବଂ ଭୂ-ରାଜନୈତିକ ବାସ୍ତବତା ହେଉଛି ଅଦୂର ଭବିଷ୍ୟତରେ ପାକିସ୍ଥାନ ସହ ଚାଇନା ନେଇ ମଧ୍ୟ ଦ୍ଵନ୍ଦ୍ଵାତ୍ମକ ସ୍ଥିତି ନିଶ୍ଚିତ ଭାବରେ ସୃଷ୍ଟି ହେବ । ଏହା ସତ୍ତ୍ଵେ ମଧ୍ୟ ଆମ ଦେଶର ପ୍ରତିରକ୍ଷା ନେଇ ଆଧୁନିକ ଅସ୍ତ୍ରଶସ୍ତ୍ର ତଥା ସାମଗ୍ରୀର କ୍ରୟ ଓ ପ୍ରତିରକ୍ଷା ନେଇ ଯତ୍ନଶୀଳତା ମଧ୍ୟ ଖୁବ ନଗଣ୍ୟ । ଏ.କେ ଆଣ୍ଟୋନୀଙ୍କ ତତ୍ତ୍ଵାବଧାନରେ ଆମର ପ୍ରତିରକ୍ଷା ମନ୍ତ୍ରାଳୟ ଦିଶାହୀନ ଓ ଅନିୟନ୍ତ୍ରିତ ଅବସ୍ଥାରେ ଧାବମାନ ।